**ଅରୁଣ ଜେଟଲୀ** **୪୩, ପାର୍ଲିଆମେଣ୍ଟ ହାଉସ**

**ସାଂସଦ** **ନୂଆ ଦିଲ୍ଲୀ–୧୧୦୦୦୧**

**ବିରୋଧୀ ଦଳର ନେତା** **ଫୋ.ନଂ–୨୩୦୧୬୭୦୭**

**ରାଜ୍ୟସଭା** **୨୩୦୩୪୮୮୩**

**ଫା.ନଂ–୨୩୭୯୩୪୩୩**

**ତା.୨୯.୧୨.୨୦୧୩**

ଆଦରଣୀୟ ଡ଼ଃ ମନମୋହନ ସିହଂ ଜୀ,

ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ବୀରଭଦ୍ର ସିଂହ କଂଗ୍ରେସର ଏକ ବରିଷ୍ଠ ନେତା । ଗତ ୧୫ ମାସ ଧରି ଗଣମାଧ୍ୟମ ଦ୍ୱାରା ତାଙ୍କ ବିରୋଧରେ ବିଭିନ୍ନ ପ୍ରକାରର ଭ୍ରଷ୍ଟାଚାରର ଅଭିଯୋଗ ପ୍ରକାଶ ପାଉଅଛି । ଯାହାକି ପ୍ରିଭେନ୍ସନ ଅଫ କରପସନ ଆକ୍ଟ ଅଧୀନରେ ଯାଏ । ହେଲେ ଯଦି ଉ.ପା ସରକାରଙ୍କର କୌଣସ ବିରୋଧୀ ଦଳ ନାମରେ ଅଭିଯୋଗ ଦାଖଲ କରାଯାଉଅଛି ତେବେ ସରକାର ଖୁବ ସକ୍ରିୟ ହୋଇ ଲାଗିପଡୁଛନ୍ତି । ହେଲେ କୌଣସି କଂଗ୍ରେସ ନେତାଙ୍କ ବିରୋଧରେ ଅଭିଯୋଗ ଆସିଲେ ସେମାନେ ମୌନତା ପ୍ରଦର୍ଶନ କରିଚାଲୁଛନ୍ତି ।

**ପ୍ରଥମ ଘଟଣା ।**

ଆୟକର ବିଭାଗ ଇସ୍ପାତ ଗ୍ରୁପ ନାମକ ଏକ କମ୍ପାନୀର ତଦନ୍ତ କରିବା ସମୟରେ ୨୦୦୭ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ କିଛି ଡ଼ାଏରୀ ପାଇଥିଲେ । ଯେଉଁଥିରେ କିଛି ଆର୍ଥିକ ଅନୁଦାନ ଉକ୍ତ କମ୍ପାନୀର ସଦସ୍ୟଙ୍କ ନାମରେ ଦିଆଯାଇଥିବା ବେଳେ କିଛି ଅନୁଦାନ ଭି.ଭି.ଏସ ଙ୍କ ନାମରେ ଦିଆଯାଇଅଛି । ସେତେବେଳର ଷ୍ଟିଲ ମନ୍ତ୍ରାଳୟର ଦାୟିତ୍ୱରେ ଥିବା ମନ୍ତ୍ରୀ ଶ୍ରୀ ବୀରଭ୍ରଦ୍ର ସିଂହଙ୍କ ନାମକୁ ମଧ୍ୟ ଭି.ଭି.ଏସ ଅଟେ । ତେଣୁ ଏହାକୁ ଆୟକର ବିଭାଗ ତରଫରୁ ତଦନ୍ତ କରାଯିବା ସହ ସି.ବିଆଇ ତଦନ୍ତ ମାଧ୍ୟମରେ ଭି.ଭି.ଏସ ର ପରିଚୟ ଦିଆଯିବା ଉଚିତ । ମୁଁ ମଧ୍ୟ ଏଥି ସମ୍ପର୍କରେ ବାରମ୍ବାର କରି ବିଭିନ୍ନ ଲେଖା ମାଧ୍ୟମରେ ପ୍ରକାଶ କରୁଅଛି ।

**ଦ୍ୱିତୀୟ ଘଟଣା ।**

ହିମାଚଳ ପ୍ରଦେଶର ସିମଲାରେ ଏପରି ବିଭିନ୍ନ ଘଟଣାମାନ ଘଟୁଅଛି । ଶ୍ରୀ ଆନନ୍ଦ ଚୌହାନ ନାମକ ଜଣେ ବ୍ୟକ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକ ଏକ ଆକାଉଣ୍ଟ ଖୋଲିଛନ୍ତି । ଯାହାର ଆକାଉଣ୍ଟ ନମ୍ବର ୫୨୪୧୮୫ । ସେଥିରେ ସେ ପାଞ୍ଚ ଲକ୍ଷରୁ ଅଧିକ ଟଙ୍କା ଦାଖଲ କରିଛନ୍ତି । ଯେଉଁଥିରୁ ସେ ଏଲ.ଆଇ.ସି ପଲିସି ପାଇଁ ବହୁ ଚେକ୍ ଦେଇଛନ୍ତି । ପଲିସି ଗୁଡ଼ିକ ମଧ୍ୟ ବୀରଭଦ୍ର ସିଂହଙ୍କ ନାମରେ, ତାଙ୍କ ପତ୍ନୀଙ୍କ ନାମରେ ଏବଂ ତାଙ୍କ ପୁତ୍ର ତଥା କନ୍ୟାଙ୍କ ନାମରେ ଥିଲା । ଯେଉଁ ଘଟଣା ଗୁଡ଼ିକର ଆଜି ମଧ୍ୟ ଆୟକର ବିଭାଗ ତରଫରୁ ତଦନ୍ତ ହେଉଅଛି ।

୨୦୦୯, ୨୦୧୦, ୨୦୧୧ ମସିହାରେ ବୀରଭଦ୍ର ସିଂହ ତାଙ୍କ ସେଓ ବଗିଚା ପାଇଁ ଯଥାକ୍ରମେ ୭ ଲକ୍ଷ, ୧୫ ଲକ୍ଷ, ଓ ୨୫ ଲକ୍ଷ ଟଙ୍କା ଆୟକର ଦେବା କଥା ଘୋଷଣା କରିଥିବା ବେଳେ ୧୭.୦୬.୨୦୦୮ ମସିହାର ଏକ ଚୁକ୍ତିପତ୍ରରେ ସେ ଉକ୍ତ ସେଓ ବଗିଚାର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଶ୍ୱମ୍ଭର ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଦେବା କଥା ଉଲ୍ଲେଖ ରହିଛି । ସେ ମଧ୍ୟ ତାଙ୍କୁ ପ୍ରତି ବର୍ଷ ୧୦ ଲକ୍ଷ ୫୦ ହଜାର ଟଙ୍କା ଦେବା କଥା ଉଲ୍ଲେଖ ହୋଇଅଛି ।

ଥରେ ମଧ୍ୟ ତଦନ୍ତକାରୀ ସଂସ୍ଥାର ତଦନ୍ତ ସମୟରେ ଏପରି କଥା ଦେଖିବାକୁ ମିଳିଥିଲା କି, ଶ୍ରୀ ଆନନ୍ଦ ଚୌହାନ  କ୍ୟାସ ଆକାରରେ ଅର୍ଥ ଦାଖଲ କରି ତହାକୁ ଶ୍ରୀ ବୀରଭଦ୍ର ସିଂହଙ୍କ ପରିବାରର ସଦସ୍ୟଙ୍କ ନାମରେ ଏଲ.ଆଇ.ସି ପଲିସି କରିଥିଲେ । ଶ୍ରୀ ସିଂହ ୨.୦୩.୨୦୧୨ ରେ ଏକ ଆୟକର ଭରଣା ଦାଖଲ କରିଥିଲେ ଯେଉଁଠି ତାଙ୍କ କୃଷି ଜନିତ ଆୟ ୬.୧୫ କୋଟିକୁ ବୃଦ୍ଧି ପାଇବାର ଦର୍ଶାଇଥିଲେ । ସେ ବର୍ତ୍ତମାନ କହୁଛନ୍ତି କି, ବିଶ୍ୱମ୍ଭର ଦାସଙ୍କ ସହ ହୋଇଥିବା ଚୁକ୍ତି ଶେଷ ହୋଇଯାଇଛି ଓ ଶ୍ରୀ ଆନନ୍ଦ ଚୌହାନ ପୂର୍ବରୁ ତାଙ୍କ ଠିକାଦାର ଭାବରେ କାର୍ଯ୍ୟ କରୁଥିଲେ । ମୁଁ ୨୩.୧୦.୨୦୧୨ ରେ ଏକ ଲେଖାରେ ଏ ସମ୍ପର୍କରେ ଉଲ୍ଲେଖ କରିଅଛି ।

**ତୃତୀୟ ଘଟଣା**

୧୪.୦୬.୨୦୦୨ ରେ ହିମାଚଳ ପ୍ରଦେଶର ସରକାର ସାଇ କୋଠି ନାମକ ଏକ ହାଇଡ୍ରେଲ ପାୱର ପ୍ରୋଜେକ୍ଟକୁ (ତାପଜ ବିଦ୍ୟୁତ ପ୍ରକଳ୍ପ) ମେସର୍ସ ଭେନଚର ଏନର୍ଜି ଆଣ୍ଡ ଟେକନୋଲୋଜୀ ଲିମିଟେଡ଼କୁ ଦେଇଥିଲେ । ହେଲେ ଉକ୍ତ କମ୍ପାନୀ ଉପଯୁକ୍ତ ଭାବରେ କାର୍ଯ୍ୟ ନକରିବାରୁ ଅଟକ ଅବସ୍ଥାରେ ଥିଲା । ତେଣୁ ହିମାଚଳ ପ୍ରଦେଶର ସରକାର ତାହାର ସମୟ ସୀମାକୁ ନ ବଢ଼ାଇ ୨୦.୦୯.୨୦୦୪ରେ ଚୁକ୍ତିକୁ ରଦ୍ଦ କରିବାକୁ ସ୍ଥିର କରିଥିଲେ । ମାତ୍ର ୪.୦୯.୨୦୧୩ରେ

ବୀରଭଦ୍ର ସିଂହ ପୁଣି ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେବା ପରେ ଉକ୍ତ କମ୍ପାନୀକୁ ୧୦ ମାସ ଅଧିକ ସମୟ ଦେଇଥିଲେ । ତେଣୁ ଉକ୍ତ କମ୍ପାନୀ ଓ ଶ୍ରୀ ବୀରଭଦ୍ର ସିଂହଙ୍କ ମଧ୍ୟରେ ଥିବା କିଛି ଆଦାନ ପ୍ରଦାନର ସମ୍ପର୍କ ହିଁ ଏପରି କରିବାର କାରଣ ।

–ହିମାଚଳ ପ୍ରଦେଶର ବିଧାନସଭା ନିର୍ବାଚନ ପୂର୍ବରୁ ବୀରଭଦ୍ର ସିଂହ ୧୭.୧୦.୨୦୧୨ ରେ ନିଜର ସମ୍ପତ୍ତିର ଯେଉଁ ତାଲିକା ଦେଇଥିଲେ ସେଥିରେ ମଧ୍ୟ ଉକ୍ତ କମ୍ପାନୀ ସମ୍ପର୍କରେ ବା ଏଭଳି ଘୋଷଣା କରିବା ନେଇ ଅର୍ଥ ଦେବା କଥା କିଛି ନଥିଲା ।

–ଶ୍ରୀ ବୀରଭଦ୍ର ସିଂହଙ୍କ ଇସ୍ତଫା ଦେବା ପରେ ତାଙ୍କ ପତ୍ନୀ ଯେତେବେଳେ ମଣ୍ଡି ନିର୍ବାଚନ ମଣ୍ଡଳିରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ଲଢ଼ିଲେ ସେତେବେଳେ ସେ ନିଜ ଆଫିଡ଼େଭିଟ ଫାଇଲ କରିଥିଲେ । ଯେଉଁଥିରୁ ଉକ୍ତ କମ୍ପାନୀର ପ୍ରତିଷ୍ଠାତା ଶ୍ରୀ ଭାକମୂଳା ଚନ୍ଦ୍ରଶେଖର ତାଙ୍କୁ ୧.୫ କୋଟି ଓ ଶ୍ରୀ ସିଂହଙ୍କୁ ୨.୪୦ କୋଟି ଅର୍ଥ ଦେଇଥିଲେ । ତେବେ ତାଙ୍କର ଏପରି ଅର୍ଥ ଦେବା ଓ ଶ୍ରୀ ସିଂହଙ୍କ ତାଙ୍କ ଉପରେ ଅନୁକମ୍ପା ଦେଖାଇବା ମଧ୍ୟରେ କଅଣ ରହସ୍ୟ ରହିଅଛି ?

–ସମସାମୟିକ ତଥ୍ୟରୁ ଜଣାପଡ଼େ କି ଉକ୍ତ ସମୟରେ ଶ୍ରୀ ସିଂହ ତଥା ତାଙ୍କ ପରିବାର ପାଖରେ ପ୍ରଚୁର ପରିମାଣର ଅର୍ଥ ଥିଲା । ତେଣୁ ତାଙ୍କୁ ଲୋନ ନେବାର ଆବଶ୍ୟକ କଅଣ ଥିଲା ?

–ଉକ୍ତ ୧୦ ମାସ ସମୟ ସୀମା ବୃଦ୍ଧି କରିବା ପାଇଁ କମ୍ପାନୀକୁ ୫୮.୧୯ ଲକ୍ଷ ଟଙ୍କା ଦେବାର ଥିଲା । ଯାହାକି ଏ ପର୍ଯ୍ୟନ୍ତ ସେ ଦେଇନାହିଁ ।

–ଉଭୟ କମ୍ପାନୀର ପ୍ରତିଷ୍ଠାତା ଓ କମ୍ପାନୀ ନିଜେ ଋଣ ଗ୍ରସ୍ତ ଅବସ୍ଥାରେ । ଏଭଳି ଆର୍ଥିକ ସଙ୍କଟ ଅବସ୍ଥାରେ ସେମାନେ ଋଣ କାହିଁକି ପ୍ରଦାନ କରିବେ ?

–ଶ୍ରୀ ଚନ୍ଦ୍ର ଶେଖରଙ୍କର ଆଉ ଏକ କମ୍ପାନୀ ତାରିଣୀ ଇନ୍ଫ୍ରାଷ୍ଟ୍ରକ୍ଚର ଲିମିଟେଡ଼ରେ ୨୯.୧୨.୨୦୧୨ ସୁଦ୍ଧା ଶ୍ରୀମତୀ ପ୍ରତିଭା ସିଂହଙ୍କ ନାମରେ ୩,୪୦,୦୦୦ ଇକ୍ୟୁଟି ସେୟାର, ବୀରଭଦ୍ରଙ୍କ ପୁତ୍ର ବିକ୍ରମାଦିତ୍ୟଙ୍କ ନାମରେ ୩,୪୦,୦୦୦ ଇକ୍ୟୁଟି ସେୟାର ଓ କନ୍ୟା ଅପରାଜିତା କୁମାରୀଙ୍କ ନାମରେ ୩,୪୦,୦୦୦ ଇକ୍ୟୁଟି ସେୟାର ଏବଂ ଅମିତ ପାଲ ସିଂହ ମୁଖ୍ୟ ମନ୍ତ୍ରୀଙ୍କ ଓ.ଏସ.ଡ଼ିଙ୍କ ନାମରେ ମଧ୍ୟ ୧୦,୦୦୦ ଇକ୍ୟୁଟି ସେୟାର ରହିଥିଲା ।

– ଏହି ନୂତନ ତଥ୍ୟ ଗୁଡ଼ିକ ପ୍ରକାଶ କରେ କି, ଏକ କମ୍ପାନୀ ଯାହାକୁ ବୀରଭଦ୍ର ସିଂହ ସହାନଭୂତି ପ୍ରଦର୍ଶନ କରନ୍ତି, ସେଠାରୁ ତାଙ୍କ ଓ ତାଙ୍କ ପତ୍ନୀଙ୍କ ନାମରେ ଲୋନ ନିଆଯାଏ ଏବଂ ଉକ୍ତ ମାଲିକଙ୍କ ଅନ୍ୟ ଏକ କମ୍ପାନୀରେ ତାଙ୍କ ପତ୍ନୀ ଓ ଦୁଇଟି ସନ୍ତାନ ସେୟାର ହୋଲ୍ଡର ଅଟନ୍ତି । ଏହା ତାଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଅଟେ ।

– ଉପରୋକ୍ତ ସମସ୍ତ ତଥ୍ୟ ପ୍ରିଭେନ୍ସନ ଅଫ କରପ୍ସନ ଆକ୍ଟରେ ଅନ୍ତର୍ଭୁକ୍ତ ଅଟେ ଏବଂ ବହୁ ରେଭିନ୍ୟୁ ନିୟମକୁ ଉଲଙ୍ଘନ କରୁଅଛି ।

ତେଣୁ ଉକ୍ତ କେଶକୁ ଯଥାଶୀଘ୍ର ସି.ବି.ଆଇ ଓ ଆୟକର ବିଭାଗ ତରଫରୁ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ।

ତୁମର

ଅରୁଣ ଜେଟଲୀ